# NATIONAL NEWS BULLETIN (ODIA)

**18 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହରେ ବିହାର ଭୋଟର ତାଲିକା ସଂଶୋଧନ ଅଭିଯାନ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଟ୍ଟଗୋଳ ଜାରି

\- ଅପରାହ୍ଣ ୨ଟା ଯାଏଁ ଉଭୟ ସଦନ ମୁଲତବୀ ଘୋଷଣା

- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିବା ଭାରତର ପ୍ରଥମ ମହାକାଶଚାରୀ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଉପରେ ଆଜି ଲୋକସଭାରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଆଲୋଚନା ।

- ଭୋଟର ଅଧିକାର ଯାତ୍ରାର ଅଂଶସ୍ୱରୂପ ବିହାରରେ ଜିଲ୍ଲା ପରିକ୍ରମା କରୁଛନ୍ତି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ।

ଏବଂ

- ଜାମ୍ମୁକାଶ୍ମୀର ସମେତ ଗୋଆ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଜାରି ରହିବାରୁ ସଂସଦର ଉଭୟ ଗୃହକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଆରମ୍ଭ ହେବା ପରେ ଗୃହର ପୂର୍ବତନ ସଦସ୍ୟ ଲା. ଗଣେଶନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗତ ୧୫ ତାରିଖରେ ଲା. ଗଣେଶନଙ୍କର ୮୦ବର୍ଷ ବୟସରେ ପରଲୋକ ହୋଇଥିଲା । ସେ ରାଜ୍ୟସଭାରେ ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିଲେ । ଗୃହର ଉପାଧ୍ୟକ୍ଷ ହରିବଂଶ କହିଥିଲେ ଲା. ଗଣେଶନ ମଣିପୁରର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ ଏବଂ ତାମିଲନାଡୁରେ ସଂପ୍ରଦାୟିକ ସଦ୍‌ଭାବ ସ୍ଥାପନ ଦିଗରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଥିଲେ । ରାଜ୍ୟସଭା ପକ୍ଷରୁ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଶ୍ରୀ ହରିବଂଶ ଘୋଷଣା କରିଥିଲେ ଯେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ୧୯ଟି ମୁଲତବୀ ନୋଟିସ୍ ହସ୍ତଗତ ହୋଇଛି, ଯେଉଁଥିରେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସଙ୍ଗ ରହିଛି । ତାହା ନ୍ୟାୟାଳୟଙ୍କ ବିଚାରାଧୀନ ଥିବାରୁ ସେ ସମ୍ପର୍କରେ ଗୃହରେ ଆଲୋଚନା ହେବ ନାହିଁ ବୋଲି ଉପାଧ୍ୟକ୍ଷ କହିଥିଲେ । ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଅନ୍ୟ ସମସ୍ତ ମୁଲତବୀ ନୋଟିସ୍‌କୁ ପ୍ରତ୍ୟାଖାନ କରାଯାଇଥିବା ସେ କହିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଉପାଧ୍ୟକ୍ଷ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

**V/O (Haribans Rajyasabha)**

ଲୋକସଭାରେ ମଧ୍ୟ ରାଜ୍ୟସଭା ଭଳି ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ସଂଶୋଧନ ଅଭିଯାନ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଙ୍ଗାମା କରିଥିଲେ । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଲୋକସଭା ଆରମ୍ଭ ହେବା ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଜନବିଶ୍ୱାସ ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ଏହି ବିଧେୟକରେ କେତେକ ଅପରାଧକୁ ଦଣ୍ଡମୁକ୍ତ କରିବା ଏବଂ ଯୁକ୍ତିଯୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି । ଯାହାଫଳରେ ଜୀବନଯାପନ ଆହୁରି ସହଜ ହୋଇପାରିବ । ଏହି ବିଧେୟକକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ସ୍ଥିର କରାଯାଇଥିଲା । ଆସନ୍ତା ଅଧିବେଶନର ପ୍ରଥମ ଦିନ ସୁଦ୍ଧା ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି । ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ପ୍ରତିଷ୍ଠାନ ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ଏହି ବିଧେୟକ ଭାରତୀୟ ପ୍ରତିଷ୍ଠାନ ପରିଚାଳନା ଆଇନ୍ ୨୦୧୭ରୁ ସଂଶୋଧନ କରି କେତେକ ପରିବର୍ତ୍ତନ ଅଣାଯିବାକୁ ପ୍ରସ୍ତାବ ରହିଛି ।

ବିହାର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଗୃହରେ ହଙ୍ଗାମା ଜାରି ରହିଥିବାବେଳେ ଏହି ବିଧେୟକ ଆଗତ କରାଯାଇଥିଲା । ତେବେ ହଙ୍ଗାମା ଜାରି ରହିବାରୁ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ପୀଠାସୀନ ଅଧିକାରୀ ସଂଧ୍ୟା ରାୟ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଆଜି ପୂର୍ବାହ୍ନ ୧୧ଟା ସମୟରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ସଂଶୋଧନ

ଅଭିଯାନ ନେଇ ତୀବ୍ର ପ୍ରତିବାଦ କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିକ୍ଷୋଭରତ ସଦସ୍ୟମାନଙ୍କୁ ଚେତାବନୀ ଦେଇଥିଲେ ଯେ, ଯଦି ସରକାରୀ ଜିନିଷପତ୍ର ନଷ୍ଟ କରାଯାଏ ତେବେ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ । ସେ କହିଥିଲେ ଗୃହ, ଲୋକମାନଙ୍କ ସମସ୍ୟା ଓ ତା'ର ସମାଧାନ ପାଇଁ ଉଦ୍ଦିଷ୍ଟ; କିନ୍ତୁ ବିରୋଧୀ ସଦସ୍ୟମାନେ ଯେଉଁଭଳି ଭାବେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ । ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ କଥା ଶୁଣି ନଥିଲେ । ଫଳରେ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

**V/O (Om Birla)**

## ଲୋକସଭା – ଷ୍ଟୁଡେଣ୍ଟ ସେଫ୍‌ଟି

କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି । ଆଜି ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଚୌଧୁରୀ କହିଛନ୍ତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ଶିକ୍ଷା ବୋର୍ଡଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁରକ୍ଷା ମାନକ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା । ସେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ପ୍ରତି ପତ୍ର ଲେଖାଯାଇଛି ।

**V/O (Jayanta Choudhury)**

# ପାର୍ଲ୍ୟାମେଣ୍ଟ-ଶୁକ୍ଳା

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାଇଥିବା ଭାରତର ପ୍ରଥମ ମହାକାଶଚାରୀ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ଉପରେ ଆଜି ଲୋକସଭାରେ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହେବ । ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ମହାକାଶ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଶ୍ରୀ ଶୁକ୍ଳାଙ୍କ ମହାକାଶ ଯାତ୍ରା ଏବଂ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଅବସ୍ଥାନ ନେଇ ଆଲୋଚନାରେ ସଦସ୍ୟମାନେ ମତ ଉପସ୍ଥାନ କରିବେ । ନୂଆଦିଲ୍ଲୀରେ ସମ୍ବାଦଦାତାମାନଙ୍କ ସହ ଆଲୋଚନା ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି କ୍ୟାପ୍ଟେନ୍ ଶୁକ୍ଳା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଅଭିଯାନର ସଫଳତା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଯାତ୍ରା ଦେଶର ମହାକାଶ ଆଭିମୁଖ୍ୟରେ ଏକ ଐତିହାସିକ ମାଇଲଖୁଣ୍ଟ । ସେ କହିଛନ୍ତି ସଦସ୍ୟମାନେ ଯେଭଳି ଅପରେସନ ସିନ୍ଦୂର ଉପରେ ଆଲୋଚନା କରିଥିଲେ ସେହିପରି ସମସ୍ତ ଦଳ ଆଲୋଚନାରେ ଅଂଶଗ୍ରହଣ କରି କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଏବଂ ଭାରତୀୟ ବୈଜ୍ଞାନିକ ମାନଙ୍କୁ ଅଭିନନ୍ଦନ ଜଣାଇବେ ।

**V/O (Kiran Rijiju)**

# ବିହାର ରାହୁଲ ଯାତ୍ରା

ଭୋଟର ଅଧିକାର ଯାତ୍ରାର ଅଂଶସ୍ୱରୂପ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ବିହାରର ଔରଙ୍ଗାବାଦ ଜିଲ୍ଲାରେ ପହଞ୍ଚିଛନ୍ତି । ସେ ସେଠାରେ ଥିବା ବିଶ୍ୱପ୍ରସିଦ୍ଧ ଦେଓ ସୂର୍ଯ୍ୟମନ୍ଦିରରେ ପୂଜାର୍ଚ୍ଚନା କରି ଭୋଟର ଅଧିକାର ଯାତ୍ରାର ଦ୍ୱିତୀୟ ଦିନର ଶୁଭାରମ୍ଭ କରିଛନ୍ତି । ଏହି ଯାତ୍ରାର ଉଦ୍ଦେଶ୍ୟ

ହେଉଛି ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନକୁ ବିରୋଧ କରିବା । ଏହି ଯାତ୍ରାରେ ଇଣ୍ଡିମେଣ୍ଟର ଅନ୍ୟାନ୍ୟ ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି । ସୂଚନା ଅନୁଯାୟୀ ଏହି ୧୬ଦିନିଆ ଯାତ୍ରା ସମୟରେ ରାଜ୍ୟର ୨୦ରୁ ଅଧିକ ଜିଲ୍ଲା ପରିକ୍ରମା କରାଯିବ । ପାଟ୍‌ନାର ଗାନ୍ଧୀ ମଇଦାନରେ ସେପ୍ଟେମ୍ବର ୧ ତାରିଖରେ ଯାତ୍ରା ସମାପ୍ତି ହେବ । ଏହି ଯାତ୍ରା କାଳରେ ଆଜି ରାହୁଲ ଗାନ୍ଧୀ ଅମ୍ବା, କୁଟୁମ୍ବ, ପାତାଳଗଞ୍ଜ ଏବଂ ଔରଙ୍ଗାବାଦର ଅନ୍ୟାନ୍ୟ ଅଞ୍ଚଳକୁ ଯାଇଥିଲେ । ବିହାର ବିଧାନସଭାର ବିରୋଧୀଦଳ ନେତା ତେଜସ୍ୱୀ ପ୍ରସାଦ ଯାଦବ, ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ୍ ପ୍ରମୁଖ ଭୋଟର ଅଧିକାର ଯାତ୍ରାରେ ସାମିଲ ହୋଇଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜଳବାହିତ ରୋଗରୁ ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ପ୍ରଫେସର ଡାକ୍ତର ପୁନିତ୍ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଜେକେ ହେଭି ରେନ୍ ଆଣ୍ଡ୍ ଏମ୍ଇଟି

ଜାମ୍ମୁକାଶ୍ମୀରର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ବନ୍ୟା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ଆସନ୍ତା କାଲି ମଧ୍ୟମ ଧରଣର ବର୍ଷା ସହ ରିଆସି, ଉଧମପୁର, ରଜୌରୀ, ପୁଞ୍ଚ୍, ସାମ୍ବା ଏବଂ କାଠୁଆରେ ବର୍ଷା ହେବାକୁ ଥିବାବେଳେ କିସ୍ତଓ୍ୱାର, ରାମବନ ଏବଂ କାଶ୍ମୀରର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ସହ ପବନ ବହିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ତେବେ ଅଗଷ୍ଟ ୨୨ ତାରିଖ ବେଳକୁ ଜାମ୍ମୁର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି । ଏଥିଲାଗି ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକମାନଙ୍କୁ ଜଳମାର୍ଗକୁ ନଯିବା ପାଇଁ କୁହାଯାଇଛି ।

ଗୋଆରେ ଗତ କିଛିଦିନ ହେବ ପ୍ରବଳ ବର୍ଷା ହେବା ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗତକାଲି ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ଏବଂ ପବନ ବହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଆନ୍ଧ୍ରପ୍ରଦେଶରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଏବଂ ଓଡ଼ିଶାର ଦକ୍ଷିଣାଞ୍ଚଳ ଗୁଡ଼ିକରେ ପ୍ରବଳ ବର୍ଷା ହେବାନେଇ ଅନୁମାନ କରାଯାଇଛି । ଏହି ସମୟ ମଧ୍ୟରେ ତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ସତର୍କ ରହିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।